ନିତିଦିନ

NITIDIN | 11.8.23 | P.4

## ସୋଆରେ ଜାତୀୟ ଜନଜାତି ଲେଖକ ସମ୍ମିଳନୀ ଉଦ୍‌ଯାପିତ

# ଜନଜାତି ଭାଷାର ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଭାଷା ନୀତି ଉପରେ ଗୁରୁତ୍ୱାରୋପ



ଭୁବନେଶ୍ୱର,୧୦।୮/ଏନ୍‌ଏନ୍‌ଏସ୍: ଜନଜାତି ଭାଷାଗୁଡ଼ିକ ଲୋପ ପାଇଯାଉଥିବା ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ(ସୋଆ) ଠାରେ ଚାଲିଥିବା ୨ ଦିନିଆ ସର୍ବଭାରତୀୟ ଜନଜାତି ଲେଖକ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ଜନଜାତି ଭାଷାଗୁଡ଼ିକର ସଂରକ୍ଷଣ ଓ ଉନ୍ନତି ନିମନ୍ତେ ଏକ ସ୍ୱତନ୍ତ୍ର ଭାଷା ନୀତି ପ୍ରଚଳନର ଆବଶ୍ୟକତା ଅଛି ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ସାରା ବିଶ୍ୱରେ ପ୍ରାୟ ୬୦୦୦ କଥିତ ଭାଷା ମଧ୍ୟରୁ ପ୍ରାୟ ୪୫୦୦ ଜନଜାତି ଭାଷା ବିଭିନ୍ନ କାରଣ ଏବଂ ଗପ ଯୋଗୁଁ ଲୋପ ପାଇବାକୁ ବସିଲାଣି ବୋଲି କୋରାପୁଟ ସ୍ଥିତ କାଉନ୍‌ସିଲ ଅଫ୍ ଆନାଲିଟିକାଲ୍ ଟ୍ରାଇବାଲ୍ ଷ୍ଟଡିଜ୍‌ର ପ୍ରଫେସର ଜଗବନ୍ଧୁ ସାମଲ କହିଛନ୍ତି। 'ଭାରତୀୟ ଜନଜାତି ଭାଷାଗୁଡ଼ିକର ସଂରକ୍ଷଣ ଓ ବିକାଶ' ଶୀର୍ଷକ ଆଲୋଚନାରେ ନିଜ ମତବ୍ୟକ୍ତ କରି ଡକ୍ଟର ସାମଲ ଏହା କହିଛନ୍ତି। ବୁଧବାର ଆନ୍ତର୍ଜାତିକ ଜନଜାତି ଦିବସ ପରିପ୍ରେକ୍ଷୀରେ ସାହିତ୍ୟ ଏକାଡେମୀ ଏବଂ ସୋଆ ପରିଚାଳିତ ସେଣ୍ଟର ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଣ୍ଟ କଲଚର ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରଚୀନ)ର ମିଳିତ ଅନୁକୂଲ୍ୟରେ ଏହି ସମ୍ମିଳନୀର ଆୟୋଜନ କରାଯାଇଥିଲା। ଡକ୍ଟର ସାମଲ ଜନଜାତିଙ୍କର ଉନ୍ନତି ନିମନ୍ତେ ଏକ ସ୍ୱତନ୍ତ୍ର ଭାଷାନୀତିର ପ୍ରଚଳନ ନେଇ ଦାବି କରିବା ସହ ଜନଜାତି ସଂପ୍ରଦାୟରେ କେଉଁ ମାନଙ୍କର ଲିପି ଅଛି ଏବଂ କାହାର ନାହିଁ ତାହା ଚିହ୍ନଟ କରି ଯେଉଁମାନଙ୍କ ଲିପି ଅଛି ସେମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଯୋଜନା ବ୍ୟବସ୍ଥା କରିବା ନିମନ୍ତେ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅଧିବେଶନରେ ଭାଷାବିତ୍ ଡକ୍ଟର ସନ୍ତୋଷ କୁମାର ରଥ, ସ୍କାଇ ପ୍ରଫେସର ଗୌରାଙ୍ଗ ଚରଣ ଦାଶ ଏବଂ ଗୁଜରାଟ କବି ଜିତେନ୍ଦ୍ର ଭାସାଭା ମଧ୍ୟ ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ଦିବସରେ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓ, ପ୍ରାଚୀନ ମୁଖ୍ୟ ଡକ୍ଟର ଜ୍ୟୋତିର୍ମୟୀ ପଣ୍ଡା, ବିଶିଷ୍ଟ ଭାଷାବିତ୍ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଓ ପ୍ରଫେସର ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦିବସରେ ଅଜନଜାତି ଭାଷାକୁ ନେଇ ଯୁବ ଲେଖକଙ୍କ ନିମନ୍ତେ ଆହ୍ୱାନ' ଶୀର୍ଷକ ଏକ ଆଲୋଚନା ଓ ବହୁବିଧ ଭାଷାରେ କବିତାବୃତି ଆୟୋଜିତ ହୋଇଥିଲା।